## ସଂକ୍ଷେପରେ

### ଯୁବ ଓଡ଼ିଶା ନବୀନ ଓଡ଼ିଶା କ୍ରୀଡ଼ା ଉତ୍ସବରେ ମାରପିଟ୍

ଖଲ୍ଲିକୋଟ,୪।୧(ପ୍ରଶାନ୍ତ କୁମାର ମିଶ୍ର): ଖଲ୍ଲିକୋଟ ସହର ନିକଟରେ ଥିବା ମିନି ଷ୍ଟାଡିୟମରେ ନୂଆ-ଓ 'ଯୁବ ଓଡ଼ିଶା ନବୀନ ଓଡ଼ିଶା' ଆନୁକୂଲ୍ୟରେ କ୍ରୀଡ଼ା ଉତ୍ସବର ଉଦଯାପନୀ ଦିବସରେ ଗଣ୍ଡଗୋଳ ହୋଇଛି। ଦୁଇଟି ଟିମ୍ ମଧ୍ୟରେ କବାଡ଼ି ଖେଳ ଚାଲିଥିବା ବେଳେ ହାରଜିତ୍‌କୁ ନେଇ ମାରପିଟ୍ ହୋଇଥିଲା। ଫଳରେ ଜଣେ ଖେଳାଳିଙ୍କ ମୁଣ୍ଡ ଫାଟିଯାଇଥିଲା। ବ୍ଲକ ପ୍ରଶାସନ ଘଟଣାସ୍ଥଳରେ ପହଁଚି ଆହତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଖବର ପାଇ ପୋଲିସ ପହଞ୍ଚି ଦୁଇ ଦଳକୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

### ପିଲାଚୋର ଭାବି ପୋଲିସ ଜିମା ଦେଲେ ଗ୍ରାମବାସୀ

ଖଜୁରିପଡ଼ା,୪।୧(ବିଦୁର ବେହେରା)

ଖଜୁରିପଡ଼ା ଥାନା ଅନ୍ତର୍ଗତ ଆଡ଼ାସିପଡ଼ା ପଞ୍ଚାୟତର କୁରୁପାଡି ଗ୍ରାମରେ ବୁଧବାର ରାତିରେ ଜଣେ ବ୍ୟକ୍ତିଙ୍କୁ ପିଲାଚୋର ଭାବି ଗାଁ ଲୋକେ ପୋଲିସ ଜିମା ଦେଇଛନ୍ତି। ରାତି ପ୍ରାୟ ସାଢ଼େ ୧୨ଟାରେ ଅଜଣା ବ୍ୟକ୍ତି ଗ୍ରାମରେ ଏଣେ ତେଣେ ବୁଲୁଥିବା ଦେଖି ଲୋକମାନେ ତାଙ୍କୁ ପିଲାଚୋର ବୋଲି ସେନ୍ଦହ କରିଥିଲେ। ପରେ ସମସ୍ତେ ମିଶି ସେହି ଅଚିହ୍ନା ବ୍ୟକ୍ତିଙ୍କୁ ପ୍ରଥମେ କାବୁ କରି ଗ୍ରାମ ମଝିରେ ଏକ ଖୁଣ୍ଟିରେ ବାନ୍ଧି ଦେଇ ଖଜୁରିପଡା ପୋଲିସକୁ ଖବର ଦେଇଥିଲେ। ପୋଲିସ କୁରୁପାଡି ଗ୍ରାମରେ ପହଞ୍ଚି ସେହି ବ୍ୟକ୍ତିଙ୍କୁ ଧରି ଥାନାକୁ ଆଣିଥିଲା। ସେହି ବ୍ୟକ୍ତିଙ୍କ ପାଖରେ ଥିବା ଆଧାର କାର୍ଡରେ ନାମ ବୁଧୁ ମୁର୍ମୁ ଲେଖାଥିବା ବେଳେ ବୟସ୨୦ବର୍ଷ ହେବ। ତାଙ୍କ ପରିବାର ସହିତ ପୋଲିସ ଯୋଗାଯୋଗ କରିଛି। ସେମାନେ ଆସିଲେ ସମ୍ପୃକ୍ତ ଯୁବକ ଜଣକ ପିଲା ଚୋର ନା ମାନସିକ ବିକାରଗ୍ରସ୍ତ ଜଣାପଡିବ ବୋଲି ପୋଲିସ କହିଛି।

### ନିଖୋଜ ନାବାଳକ ଦେଢ଼ ବର୍ଷ ପରେ ଛତିଶଗଡ଼ରୁ ଉଦ୍ଧାର

ବାଲିଗୁଡା,୪।୧(ସଞ୍ଜୟ କୁମାର ପାଣିଗ୍ରାହୀ)

ଦେଢ ବର୍ଷ ପୂର୍ବେ କନ୍ଧମାଳ ଜିଲାର ବାଲିଗୁଡା ନିକଟ ମହାସିଙ୍ଗି ଗାଁରୁ ନିଖୋଜ ହୋଇଯାଇଥିବା ଜଣେ ନାବାଳକଙ୍କୁ ଛତିଶଗଡର ଗରିଆବନ୍ଧ ଜିଲା ମେନପୁର ଥାନା ଅଞ୍ଚଳରୁ କନ୍ଧମାଳ ପୋଲିସ ଉଦ୍ଧାର କରିଛି। ୨୦୨୨ ଜୁନ ୬ ତାରିଖରେ ନାବାଳକ ଜଣକ ଘରୁ ଚାଲିଯାଇଥିଲେ। ପରିବାର ଲୋକ ବହୁ ଖୋଜଖୋଜି କରିବା ପରେ ନମିଳିବାରୁ ଜୁନ ୧୩ ତାରିଖରେ ବାଲିଗୁଡା ଥାନାରେ ଏକ ଏତଲା ଦେଇଥିଲେ। ନାବାଳକ ଜଣକ ଚାଲିଚାଲି ବାଲିଗୁଡାରୁ ଭାୟା ବାରଖମା, କଣ୍ଟାମାଳ, ସୋନପୁର, ବୌଦ୍ଧ ଦେଇ ଛତିଶଗଡର ଜଣେ ବ୍ୟସାୟୀଙ୍କ ଦାସୁରାମ ସାହିଷଙ୍କ ଘରେ ପହଞ୍ଚି କାମ କରିବା ପାଇଁ କହିଥିଲେ। ବ୍ୟବସାୟୀ ଜଣକ ପିଲାଟିକୁ ଆଶ୍ରୟ ଦେଇଥିଲେ। ଏହି ବ୍ୟକ୍ତି ଜଣକ ଅଧ୍ୟୟନ ଜାରି ରଖିବା ପାଇଁ ତାଙ୍କୁ ଏକ ବିଦ୍ୟାଳୟରେ ନାମ ଲେଖାଇବାକୁ ଯୋଜନା କରିଥିଲେ ବୋଲି ପୋଲିସ କହିଛି। ଏଭଳି ନିଖୋଜ ନାବାଳକ ସମ୍ପର୍କରେ ସ୍ଥାନୀୟ ଥାନାରେ ଜଣାଇଥିଲେ। ଏହା ପରେ କନ୍ଧମାଳ ଏସପି ଶୁଭେନ୍ଦୁ କୁମାର ପାତ୍ରଙ୍କ ସହ ଯୋଗଯୋଗ କରିବା ପରେ ପିଲାଟିର ପରିଚୟ ପରିବାର ଲୋକଙ୍କୁ କୁହାଯାଇଥିଲା। ବାଲିଗୁଡା ଏସଆଇ ଆଶୁତୋଷ ପାଇକରାୟଙ୍କ ନେତୃତ୍ୱରେ ଏକ ଟିମ ଛତିଶଗଡ ଯାଇ ବାଳକଟିକୁ ଉଦ୍ଧାର କରିଥିଲେ।

# ଅଣଧାନଚାଷ ଦିଗରେ ପ୍ରୋତ୍ସାହିତ ପାଣି ପଞ୍ଚାୟତ ପୁରସ୍କୃତ ହେବେ

ଛତ୍ରପୁର,୪।୧(ସନ୍ତୋଷ ପାଢ଼ୀ/ଦିଲ୍ଲୀପ ସାମଲ): ଗଞ୍ଜାମ ଜିଲା ପାଣି ପଞ୍ଚାୟତ ପକ୍ଷ ୧୬ ତାରିଖରୁ ୨୪ ତାରିଖ ପର୍ଯ୍ୟନ୍ତ ପାଳିତ ହେବ ଏବଂ ରାଜ୍ୟସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ଦିବସ ୩୦ ତାରିଖରେ ରାଜ୍ୟସ୍ତରରେ ପାଳନ ହେବ। ଏହି କାର୍ଯ୍ୟକ୍ରମକୁ ବ୍ୟାପକ କରିବା ନିମିତ୍ତ ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅବଗତ କରାଇଥିଲେ ଯେ, ଗଞ୍ଜାମ ଜିଲାର ଚାଷ କାର୍ଯ୍ୟ ନିମନ୍ତେ ପାଣି ମୁଖ୍ୟ ସମସ୍ୟା। ଏଣୁ ଆଗାମୀ ୧୫ ବର୍ଷ ସକାଶେ ଚାଷ ଜମିକୁ କିଭଳି ଜଳ ଯୋଗାଣ ହୋଇପାରିବ ସେଥି ସକାଶେ ଯୋଜନା କରି ଡିପିଆର୍ ପ୍ରସ୍ତୁତ କରିବାକୁ ଜଣାଇଥିଲେ। କ୍ଷୁଦ୍ର ଜଳ ସେଚନ ପ୍ରକଳ୍ପର କାର୍ଯ୍ୟ ନିର୍ବାଚନ ଆଚରଣ ବିଧି ଲାଗୁ ହେବା ପୂର୍ବରୁ ଅର୍ଥାତ୍ ଫେବୃୟାରୀ ୧୫ ସୁଦ୍ଧା ଟେଣ୍ଡର ପ୍ରକ୍ରିୟା ଶେଷ କରି କାର୍ଯ୍ୟ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଶ୍ୱ ବ୍ୟାଙ୍କର



ଅର୍ଥନୈତିକ ଆକଳନ ଅନୁଯାୟୀ କାର୍ଯ୍ୟ ଆରମ୍ଭ ପୂର୍ବରୁ ସ୍ଥିତି କ'ଣ ରହିଥିଲା ଏବଂ ଯୋଜନା ପ୍ରସ୍ତୁତ କାର୍ଯ୍ୟକାରୀ ହେବା ପରେ କେଉଁ ସବୁ ଉନ୍ନତୀକରଣ ହୋଇଛି ତାହା ଆକଳନ କରିବା ନେଇ ମତାମତ ଉପସ୍ଥାପନ କରିଥିଲେ। ଚାଷ ଜମିକୁ ଜଳ ଯୋଗାଣ କ୍ଷେତ୍ରରେ ଅବହେଳା ପ୍ରଦର୍ଶନ କରନ୍ତି ତେବେ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଚେତାବନୀ ଦେଇଥିଲେ । ଡିଭିଜନସ୍ତରରେ ମୁଖ୍ୟ ଜଳ ସେଚନସ୍ତରରେ ବ୍ରହ୍ମପୁର, ଚିକିଟି ଏବଂ ଭଞ୍ଜନଗରରେ ପାଳନ ହେବାକୁ ଥିବା ସ୍ଥଳେ କ୍ଷୁଦ୍ର ଜଳ ସେଚନ ଏମ.ଆଇ. ବ୍ରହ୍ମପୁର-୧, ଏମ. ଆଇ.-୨ ବ୍ରହ୍ମପୁର ଓ ଭଞ୍ଜନଗର ଏମ.ଆଇ. ଠାରେ ଡିଭିଜନ ସ୍ତରରେ ପାଳିତ ହେବ। ଉଠା ଜଳ ସେଚନ ପ୍ରକଳ୍ପ ଦ୍ୱାରା ମଧ୍ୟ ଏହି ପାଣି ପଞ୍ଚାୟତ ପକ୍ଷ ପାଳିତ ହେବ। ୧୬ ତାରିଖରୁ ୨୪ ତାରିଖ ପର୍ଯ୍ୟନ୍ତ ରଥ ପରିକ୍ରମା କରି ସଚେତନତା ସୃଷ୍ଟି କରାଯିବ। ଶ୍ରେଷ୍ଠ ପାଣି ପଞ୍ଚାୟତ ଚୟନ କରାଯାଇ ପୁରସ୍କୃତ କରାଯିବ। ଯେଉଁ ପାଣି ପଞ୍ଚାୟତରେ ନିର୍ବାଚନ ହୋଇଛି ସେମାନେ ମଧ୍ୟ ପୁରସ୍କୃତ ହେବେ। ପାଣି ପଞ୍ଚାୟତ ପକ୍ଷ ନିମନ୍ତେ ବକ୍ତୃତା, ପ୍ରବନ୍ଧ ଲିଖନ, ସାଧାରଣ ଜ୍ଞାନ ଏବଂ ଆଧୁନିକ କୌଶଳ ପ୍ରଦର୍ଶନୀ ପ୍ରତିଯୋଗିତା ଆୟୋଜିତ ହେବ । ଧାନଚାଷ ପରିବର୍ତ୍ତେ ଅଣ ଧାନ ଚାଷ କରିଥିବା ପାଣି ପଞ୍ଚାୟତକୁ ପୁରସ୍କୃତ କରାଯିବ । ବିଶେଷ କରି ଅଣଧାନ ଚାଷ ଜଳ ସେଚନର ବ୍ୟବଧାନ ପରିଚାଳନା, କୃଷି ବିଭାଗ ଓ ଜଳ ସମ୍ପଦ ବିଭାଗର ଯୋଜନାକୁ ଆୟୁଧ ପ୍ରଣୟନ କରି ଯେଉଁ ପାଣି ପଞ୍ଚାୟତ କୃଷକମାନଙ୍କୁ ପ୍ରୋତ୍ସାହିତ କରିଛି, ସଚେତନତା ସୃଷ୍ଟି ଶିବିର ଆୟୋଜନ, ବଜାର ବିକ୍ରିବଟା ଦିଗରେ କାର୍ଯ୍ୟକରିଥିବା ପାଣି ପଞ୍ଚାୟତକୁ ଆକଳନ କରି ୧୦ ହଜାର ଅର୍ଥ ରାଶି ପୁରସ୍କାର ପ୍ରଦାନ କରାଯିବ। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଶ୍ରେଷ୍ଠ ପାଣି ପଞ୍ଚାୟତକୁ ୫୦ ହଜାର ଅର୍ଥରାଶି ପ୍ରଦାନ କରାଯିବ।

# ଜନଜାତି ମହୋତ୍ସବ ଉଦ୍‌ଘାଟିତ



କ.ନୂଆଗାଁ,୪।୧(କାଳିପ୍ରସାଦ ତ୍ରିପାଠୀ)

ନୂଆଗାଁ ବ୍ଲକରେ ହାଇସ୍କୁଲ ଖେଳପଡ଼ିଆରେ ଦୁଇଦିନ ଧରି ଜନଜାତି ମହୋତ୍ସବ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମେ ଧୁଙ୍ଗିଆ ଦେଇଠାରୁ ମଶାଲ ଶୋଭାଯାତ୍ରାରେ ବାହାରି ହାଇସ୍କୁଲ ପଡିଆରେ ପହଞ୍ଚି ଥିଲେ। ସମ୍ମାନିତ ଅତିଥି ଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ରୋଦନ ମଲ୍ଲିକ ଯୋଗଦେଇ ସାଂସ୍କୃତିକ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ବକ୍ତା ଜିଲାପରିଷଦ ଅଧ୍ୟକ୍ଷା ନନ୍ଦିନୀ ମଲ୍ଲିକ, ସମ୍ମାନିତ ଅତିଥି ବିଧାୟକ ଚକ୍ରମଣି କହଁର, ବିଡିଓ ମନ୍ମଥ ନାଥ ମଲ୍ଲିକ, ବ୍ଲକ ଅଧ୍ୟକ୍ଷା ସୁଲୋଚନା ଦଳବେହରା, ଉପାଧ୍ୟକ୍ଷ ଧବଳେଶ୍ୱର ପାତ୍ର, ଜିଲାପରିଷଦ ସଭ୍ୟା ଅନିତା ମଲ୍ଲିକ, ଏମ୍‌ପି ପ୍ରତିନିଧି ସହଦେବ ପାତ୍ର, ଜିଲା କୁଇ ସମାଜ ଯୁଗ୍ମ ସମ୍ପାଦକ ପ୍ରାନେଶ୍ୱର ପ୍ରଧାନ, ବ୍ଲକ କୁଇ ସମାଜ ସଭାପତି ସିନାଲା ପ୍ରଧାନ, ବିଜେଡି ସଭାପତି ଭାଗ୍ୟବାନ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଠିକ୍ ସମୟରେ ଘର ନିର୍ମାଣ କରିଥିବାରୁ ହାରା ବେହେରା, ଲିଲିମା ବିଷୋୟୀ, ସୁରେଖା ଦିଗାଲ ଅନୁପମା ପାତ୍ର, ନିକି କହଁରଙ୍କୁ ମଞ୍ଚରେ ଅତିଥିମାନଙ୍କ ଦ୍ୱାରା ୨୦,୦୦୦ଟଙ୍କା ଚେକ୍ ପ୍ରଦାନ କରାଯାଇଥିଲା। ବ୍ଲକ ସମ୍ପ୍ରସାରଣ ଅଧିକାରୀ ଗୁରୁମାଝି ପାଡ଼ରା, ଓସିପି ରାକେଶ କୁମାର ସାହୁ ସଂଯୋଜନା କରିଥିବା ବେଳେ ସରକାରୀ ମାଧ୍ୟମିକ ପ୍ରଶିକ୍ଷଣ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ତ୍ରିଲୋଚନ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ।

# ଗୋଷାଣି ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ପାରଳାଖେମୁଣ୍ଡି,୪।୧ (ଗିରିଧାରୀ ପରିଛା):

ଗଜପତି ଜିଲା ଗୋଷାଣି ପଞ୍ଚାୟତ ସମିତି ପକ୍ଷରୁ ନୂଆ-ଓ ତଥା ଯୁବ ଓଡ଼ିଶା ନବୀନ ଓଡ଼ିଶା ଉତ୍ସବ ଗାରବନ୍ଧସ୍ଥିତ ଶ୍ରୀଭେଙ୍କେଟେଶ୍ୱର ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ଖେଳପଡିଆରେ ଗୁରୁବାର ଉଦଘାଟିତ ହୋଇଛି। ଏହି ଉତ୍ସବକୁ ପାରଳାଖେମୁଣ୍ଡି ବିଧାୟକ କେ.ନାରାୟଣ ରାଓ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ସଭାପତିତ୍ୱ କରିଥିଲେ ଗୋଷାଣି ପଞ୍ଚାୟତ ସମିତି ଅଧ୍ୟକ୍ଷ ଏନ.ବୀରରାଜୁ । ସମ୍ମାନିତ ଅତିଥି ଭାବେ ପାରଳାଖେମୁଣ୍ଡି ତହସିଲଦାର ନାରାୟଣ ବେହେରା, ପଞ୍ଚାୟତ ସମିତିର ଉପାଧ୍ୟକ୍ଷା ଏସ.ଅନୁସୂୟା ଦେବୀ, ଜିଲାପରିଷଦ ସଭ୍ୟ ଏସ.ବାଲାରାଜୁ,



ଶ୍ରୀ ଭେଙ୍କେଟେଶ୍ୱର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବି.ତିରୁମଲା ରାଓ ପଟ୍ଟନାୟକ ପ୍ରମୁଖ ମଞ୍ଚାସିନ ଥିଲେ । ଏହି ଯୁବ କ୍ରୀଡ଼ା ଉତ୍ସବ ୮ ତାରିଖ ପର୍ଯ୍ୟନ୍ତ ଦୁଇଟି ସ୍ଥାନ ଯଥା ଶ୍ରୀଭେଙ୍କେଟେଶ୍ୱର ଉଚ୍ଚ ବିଦ୍ୟାଳୟ ଖେଳପଡିଆ ଏବଂ ଗୁରାଣ୍ଡିସ୍ଥିତ ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ଉଚ୍ଚ ବିଦ୍ୟାଳୟ ଖେଳପଡିଆରେ ଅନୁଷ୍ଠିତ ହେବ। ଏହି ଉତ୍ସବରେ ବ୍ଲକର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ଗୋଷାଣି ବିଡିଓ ଅଜୟ କୁମାର ପ୍ରଧାନଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେଉଥିବା ବେଳେ ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ବିନୋଦ ଗୌଡ, ଜିବୀକା ମିଶନର ବିପିଏମ ସିଏଚ. ତିରୁପତି, ମିଶନଶକ୍ତିର ବ୍ଲକ ସଂଯୋଜକ ଲାବଣ୍ୟ ରଇତ ପ୍ରମୁଖ ସହଯୋଗ କରୁଛନ୍ତି।

### ଫେବୃଆରୀ ୨୦ ସୁଦ୍ଧା ସବୁ ଧାନ କିଣିବାକୁ ନିର୍ଦ୍ଦେଶ

ଶେରଗଡ, ୪।୧(ସୂର୍ଯ୍ୟନାରାୟଣ ଦାଶ):

ଶେରଗଡ ତହସିଲଦାରଙ୍କ କାର୍ଯ୍ୟାଳୟରେ ମିଲର ଓ ପ୍ରଶାସନର ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ତହସିଲଦାର ତ୍ରିଦେବ ରଥ ଅଧ୍ୟକ୍ଷତା କରିଥିଲେ। ଯୋଗାଣ ନିରୀକ୍ଷକ ବିଭୁପ୍ରସାଦ ସାହୁଙ୍କ ସଂଯାଜନାରେ ଅନୁଷ୍ଠିତ ବୈଠକରେ ଟୋକନ ପାଇଥିବା ଚାଷୀମାନଙ୍କ ଠାରୁ ତୁରନ୍ତ ଧାନ କିଣିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ପ୍ରକ୍ରିୟା ଫେବୃଆରୀ ୨୦ ମଧ୍ୟରେ ଯେପରି ସରିବ ସେ ଦିଗରେ ମିଲରମାନେ ଚାଷୀମାନଙ୍କ ଠାରୁ ଧାନ ଆଣିବାକୁ ତହସିଲଦାର ନିର୍ଦ୍ଦେଶ ଦେଇଥିଲେ। ମୋଟ ୨୨ଟି ପଞ୍ଚାୟତର ମୋଟ ୧୫ ଟି ମିଲର ଜରିଆରେ ଧାନ କିଣାଯିବ। ଉକ୍ତ ବୈଠକରେ ବିଡିଓ ଶିବାଶିଷ ବରାଳ ଯୋଗଦେଇ ମିଲରମାନେ ଏ ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଫେବୃଆରୀ ୨୦ ସୁଦ୍ଧା ଯେପରି ଧାନ କିଣାସରିବ ସେଥିପାଇଁ ଗୁରୁତ୍ୱଦେବାକୁ କହିଥିଲେ।

# ଧାନର ଗୁଣବତ୍ତା ନିର୍ଣ୍ଣୟ ପ୍ରଶିକ୍ଷଣ ଶିବିର



ଧାନର ଗୁଣବତ୍ତା ନିର୍ଣ୍ଣୟ ପ୍ରଶିକ୍ଷଣ ଦିଆଯାଉଛି।

ଭଞ୍ଜନଗର,୪।୧(ବାବୁଲା ପ୍ରଧାନ)

ଭଞ୍ଜନଗର ଉପଜିଲ୍ଲାପାଳ ଅନିଲ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ନିୟନ୍ତ୍ରିତ ବଜାର କମିଟି ସଭା ଗୃହରେ ଗୁରୁବାର ଧାନର ଗୁଣବତ୍ତା ନିର୍ଣ୍ଣୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପଖଣ୍ଡ ଅନ୍ତର୍ଗତ ସମସ୍ତ ୮ଟି ବ୍ଲକରେ ଥିବା ପ୍ରାଥମିକ କୃଷି ସମବାୟ ସମିତି ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସମ୍ପାଦକ, ଡିଇଓମାନେ ଯୋଗ ଦେଇ ଧାନର ଗୁଣବତ୍ତା କିଭଳି ନିର୍ଣ୍ଣୟ କରିହେବ ସେ ଉପରେ ପ୍ରଶିକ୍ଷଣ ନେଇଥିଲେ। ଭଞ୍ଜନଗର ବ୍ଲକ ଯୋଗାଣ ନିରୀକ୍ଷକ ସି. ମାରାଣ୍ଡି ଓ କ୍ୱାଲିଟି ବିଶେଷଜ୍ଞ ପୂଜା ସାହୁ ସାଧନବ୍ୟକ୍ତି ଭାବେ ଯୋଗଦେଇ ପ୍ରଶିକ୍ଷଣ ଦେଇଥିଲେ। ଉପଖଣ୍ଡର ଅଧିକାଂଶ ଅଞ୍ଚଳରେ ଧାନକିଣା ଆରମ୍ଭ ହୋଇଗଲାଣି । ତେଣୁ ଯଥାଶୀଘ୍ର ନିଜ ନିଜର ସୋସାଇଟିରେ ଉକ୍ତ ପ୍ରଶିକ୍ଷଣ ଶିବିର କରିବା ପାଇଁ ସମସ୍ତ ସମ୍ପାଦକଙ୍କୁ ଅନୁରୋଧ କରାଯାଇଥିଲ। ସୋସାଇଟି ଲେବେଲ ପ୍ରକ୍ୟୁରମେଣ୍ଟ କମିଟିର ସମସ୍ତ ସଦସ୍ୟ ତଥା ଚାଷୀମାନଙ୍କୁ ସେଠାରେ ଟ୍ରେନିଂ ଦେବା ପାଇଁ ଉପଜିଲାପାଳ ସେଠୀ ନିର୍ଦ୍ଦେଶ ଦେଇଥିଲେ। ଚଳିତ ବର୍ଷ ଯେମିତି ଧାନକିଣା ସୁରୁଖୁରରେ ଚାଲି ପାରିବ ସେଥିପାଇଁ ସେ ଖାଦ୍ୟ ଯୋଗାଣ ବିଭାଗ,ସମବାୟ ବିଭାଗ ଏବଂ ନିୟନ୍ତ୍ରିତ ବଜାର କମିଟି କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ କସ୍ତୁରୀ ସନ୍ୟାସୀ ରାଜୁ ପ୍ରମୁଖ ଉପସ୍ଥିତ ଥିଲେ। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୌରୀ ଶଙ୍କର ଶତପଥି ସଭା ପରିଚାଳନା କରିଥିଲେ ।

# ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତି ବୈଠକ

ଛତ୍ରପୁର,୪।୧(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ):

ଚଳିତ ବର୍ଷ ଅନୁଷ୍ଠିତ ହେବାକୁ ଥିବା ଏକକାଳୀନ ସାଧାରଣ ନିର୍ବାଚନ ସକାଶେ ଆବଶ୍ୟକ ପଡୁଥିବା ଅଧିକାରୀ ଏବଂ କର୍ମଚାରୀ ନିଯୁକ୍ତି ନିମନ୍ତେ ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥାର ପରିଚାଳନା ସଂକ୍ରାନ୍ତରେ ଏକ ବୈଠକ ଜିଲାପାଳଙ୍କ ଓସ୍ୱାନ ହଲଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି ସବିଶେଷ ଆଲୋଚନା କରିଥିଲେ। ଜିଲାରେ ନିର୍ବାଚନ ପରିଚାଳନା ସକାଶେ ଆବଶ୍ୟକ ପଡୁଥିବା ନୋଡାଲ ଅଧିକାରୀ, ସେମାନଙ୍କର ପ୍ରଶିକ୍ଷଣ, ନିର୍ବାଚନ ପରିଚାଳନା ସକାଶେ ସାମଗ୍ରୀର ପରିଚାଳନା, ନୋଡାଲ ଅଧିକାରୀମାନଙ୍କର ଯାତାୟତ ବ୍ୟବସ୍ଥା ଏବଂ ସେମାନଙ୍କର କମ୍ପ୍ୟୁଟର ସାଇବର ସିକ୍ୟୁରିଟି ଓ ସୂଚନା ପ୍ରଯୁକ୍ତି ବିଦ୍ୟା ପ୍ରୟୋଗ, ଆଇନଶୃଙ୍ଖଳା, ଇଲେକ୍ଟ୍ରୋନିକ ଭୋଟିଂ ମେସିନ ପରିଚାଳନା, ବ୍ୟାଲଟ ପେପର, ପୋଷ୍ଟାଲ ବ୍ୟାଲଟ, ଭୋଟର ତାଲିକା ଇତ୍ୟାଦି ସମ୍ପର୍କିତ ଆଲୋଚନା ହୋଇଯାଇଛି। ଭୋଟ ଗ୍ରହଣ




ଜିଲାପାଳ ଓ ଅନ୍ୟମାନେ।

କେନ୍ଦ୍ରଗୁଡିକରେ ଭୋଟ ଦାତାଗଣ ଏବଂ ଭିନ୍ନକ୍ଷମ ବ୍ୟକ୍ତିଗଣ ଯେଭଳି ସୁବିଧାରେ ଭୋଟ ଗ୍ରହଣ କେନ୍ଦ୍ରକୁ ପ୍ରବେଶ କରି ଭୋଟଦେବେ ସେଥି ସକାଶେ ଆନୁସଙ୍ଗୀକ ବ୍ୟବସ୍ଥା କରିବାକୁ କୁହାଯାଇଛି । ଗତ ନିର୍ବାଚନ ସମୟରେ ଯେଭଳି ଇଭିଏମ ଦ୍ୱାରା ଭୋଟ ସଂଗ୍ରହ କରାଯାଇଥିଲା ଚଳିତ ଥର ମଧ୍ୟ ସେହିଭଳି ଭୋଟଦାତା ଗଣ ନିଜନିଜର ମତଦାନ କରିବେ। ସେଥିଯୋଗୁଁ ଇଭିଏମ ଦ୍ୱାରା ଭୋଟଦାତାଗଣ କିଭଳି ଭୋଟ ପ୍ରଦାନ କରିବେ ସେଥି ସକାଶେ ସଚେତନତା କରାଯିବ। ନିର୍ବାଚନ କାର୍ଯ୍ୟ ପରିଚାଳନା ସକାଶେ ଆବଶ୍ୟକ ପଡୁଥିବା ନୋଡାଲ ଅଧିକାରୀ, ସେକ୍ଟର ଅଧିକାରୀ, ପ୍ରିଜାଇଡିଂ ଅଫିସର ଏବଂ ଅନ୍ୟାନ୍ୟ ଭୋଟ ଗ୍ରହଣ ଅଧିକାରୀଙ୍କୁ ମୁତୟନ ସକାଶେ ବିଭିନ୍ନ କାର୍ଯ୍ୟାଳୟରୁ ମଗାଯାଇଥିବା ତଥ୍ୟ ସମ୍ପର୍କରେ ସୁବିସ୍ତୃତ ଆଲୋଚନା ହୋଇଥିଲା। ଆବଶ୍ୟକ ପଡୁଥିବା ମହିଳା ଅଧିକାରୀ ଏବଂ ପୋଲିସ ମୁତୟନ ପ୍ରକ୍ରିୟାକୁ ପ୍ରସ୍ତୁତ କରିବାକୁ କୁହାଯାଇଛି । ଚଳିତ ବର୍ଷ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କ ସକାଶେ 'ସକ୍ଷମ' ଆପ କାର୍ଯ୍ୟକାରୀ କରାଯିବ। ରୁଟ ଚାର୍ଟ, ଆବଶ୍ୟକ ପଡୁଥିବା ଯାନର ଆକଳନ କରିବାକୁ କୁହାଯାଇଛି । ଭୋଟ ସଂଗ୍ରହ ନିମିତ୍ତ ଅସୁରକ୍ଷିତ ସ୍ଥାନଗୁଡିକର ଚିହ୍ନଟ କରି ତାହାର ଆନୁସଙ୍ଗୀକ ବ୍ୟବସ୍ଥା ଦିଗରେ ଆଲୋଚନା ହୋଇଥିଲା।

### ଲୁଇସ୍ ବ୍ରେଲି ଜୟନ୍ତୀ

କବିସୂର୍ଯ୍ୟନଗର,୪।୧(କୃପାସିନ୍ଧୁ ସ୍ୱାଇଁ)

ଗୁରୁବାର ଥିଲା ବିଶ୍ୱ ବ୍ରେଲ ଦିବସ । ଏହି ଅବସରରେ ବିଶିଷ୍ଟ ସାମାଜସେବୀ ଇ. ମାହେଶ୍ୱରୀ ଦୋରାଙ୍କ ପୌରାହିତ୍ୟରେ ନିଜ ବାସଭବନଠାରେ ଲୁଇ ବ୍ରେଲ ଉପରେ ଏକ ଆଲୋଚନା ଚକ୍ର ଓ ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପ୍ରାଧ୍ୟାପକ କୈଳାସ ନାଥ ସ୍ୱାଇଁ, ମୁଖ୍ୟ ବକ୍ତା ବୁଗୁଡ଼ା ଆଦର୍ଶ ବିଦ୍ୟାଳୟ ଓଡ଼ିଆ ଶିକ୍ଷକ ବିଘ୍ନରାଜ ପଣ୍ଡା, ବକ୍ତା କବିସୂର୍ଯ୍ୟ ବଳଦେବ ବିଜ୍ଞାନ କଲେଜ ଓଡ଼ିଆ ଅଧ୍ୟାପକ ଲୋକନାଥ ନାୟକ, ସମ୍ମାନିତ ଅତିଥି ଭାବେ ଦକ୍ଷିଣ ଓଡ଼ିଆ ସାହିତ୍ୟ ସମ୍ମିଳନୀର ମହାସଚିବ ଦଣ୍ଡପାଣି ମହାପାତ୍ର, କବି ବ୍ରଜବନ୍ଧୁ ବେହେରା, ଭୀମଭୋଇ ସାହିତ୍ୟ ସଂସଦ ସମ୍ପାଦକ ବବ୍ରୁବାହାନ ସ୍ୱାଇଁ ମଞ୍ଚାସୀନ ଥିଲେ। ସୁରେଶ ଚନ୍ଦ୍ର ପାଢୀଙ୍କୁ କବିକୁସୁମ ଉପାଧିରେ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ଭାବନା ସାହିତ୍ୟ ସମ୍ପାଦକ ରବୀନ୍ଦ୍ର କୁମାର ମଲ୍ଲ ସଂଯୋଜନା ଓ ପରିଚାଳନା କରିଥିଲେ। ଭୀମଭୋଇ ସାହିତ୍ୟ ସଂସଦର ସଭାପତି ଶ୍ରୀମତୀ ଦୋରା ସମସ୍ତ ଦୃଷ୍ଟିବାଧିତଙ୍କୁ ଶୀତବସ୍ତ୍ର ପ୍ରଦାନ କରିଥିଲେ।

# ସଫେଇ କର୍ମଚାରୀଙ୍କୁ ଶୀତବସ୍ତ୍ର ବଣ୍ଟନ



ଅଧ୍ୟକ୍ଷା ଜଣେ କର୍ମଚାରୀଙ୍କୁ ଶୀତବସ୍ତ୍ର ପ୍ରଦାନ କରୁଛନ୍ତି।

ଆସିକା,୪।୧ (ସୁରେନ୍ଦ୍ର ନାଥ ସାହୁ)

ଆସିକା ଏନଏସିର ସଫେଇ କର୍ମଚାରୀମାନଙ୍କୁ ଏନଏସି ପକ୍ଷରୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି। ଏନ୍‌ଏସି ସଭା ଗୃହରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ବିନେତା ସ୍ୱାଇଁ ଯୋଗଦେଇ ଶୀତବସ୍ତ୍ର ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିର୍ବାହୀ ଅଧିକାରୀ ଲୋକନାଥ ବେଜ, ଏମପି ପ୍ରତିନିଧି ସତ୍ୟନାରାୟଣ ସ୍ୱାଇଁ ଉପସ୍ଥିତ ଥିଲେ । ମୋଟ ୧୩୦ଜଣ କର୍ମଚାରୀଙ୍କୁ ଏହି ବସ୍ତ୍ର ବଣ୍ଟନ କରାଯାଇଥିଲା । ସେଥିମଧ୍ୟରେ ସଫେଇ ମଳ ଉପଚାର କେନ୍ଦ୍ର ସହାୟକ, ସ୍ୱଚ୍ଛସାଥୀ, ଆହାର କେନ୍ଦ୍ର ପରିଚାଳକ, ଖତ ପ୍ରସ୍ତୁତ କେନ୍ଦ୍ର କର୍ମଚାରୀ ଓ ସ୍ୱଚ୍ଛକର୍ମୀ ରହିଥିବା ନିର୍ବାହୀ ଅଧିକାରୀ ବେଜ ସୂଚନା ଦେଇଛନ୍ତି।

# ହଷ୍ଟେଲ ପାଚେରି ଡେଇଁ ପଳାଇଥିବା ୨ ଛାତ୍ର ଉଦ୍ଧାର




ଦାରିଙ୍ଗବାଡି,୪।୧(ଅରୁଣ ସାହୁ)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଥାନା ଦଢ଼ିବାଡି ବିଦ୍ୟାଳୟର ଛାତ୍ରାବାସରୁ ପାଚେରି ଡେଇଁ ପଳାଇଥିବା ୨ ଜଣ ପଞ୍ଚମଶ୍ରେଣୀ ଛାତ୍ରଙ୍କୁ ଉଦ୍ଧାର କରାଯାଇଛି। ବଡ଼ଦିନ ଓ ନୂତନ ବର୍ଷ ପାଇଁ ବିଦ୍ୟାଳୟ ସମେତ ହଷ୍ଟେଲ ଛୁଟି ହୋଇଥିଲା। ମଙ୍ଗଳବାର ହଷ୍ଟେଲ ଖୋଲିବା ପରେ ୪୦ଜଣ ଛାତ୍ରଙ୍କ ମଧ୍ୟରୁ ମାତ୍ର ୨ ଜଣ ପହଞ୍ଚି ଥିଲେ। ସେମାନେ ହଷ୍ଟେଲରେ ଏକା ରହିବାକୁ ଭୟ କରି ସକାଳୁ ହଷ୍ଟେଲ ଛାଡି ଚାଲିଯାଇଥିଲେ। ଖବର ପାଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମାକାନ୍ତ ସିଂ ବିଦ୍ୟାଳୟରେ ପହଞ୍ଚି ଦୁଇ ଛାତ୍ରଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ ଏବଂ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବିଶ୍ୱଜିତ ଜାଲିଙ୍କୁ ଦୁଇ ଛାତ୍ର ଫେରାର ହୋଇଥିବା ସମ୍ପର୍କରେ ଜଣାଇଥିଲେ। ପରେ ପରିବାର ଲୋକ ହଷ୍ଟେଲରେ ପହଞ୍ଚି ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ସହ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ସେମାନଙ୍କୁ ବିଦ୍ୟାଳୟ ହଷ୍ଟେଲଠାରୁ ପ୍ରାୟ ୧୦ କିମି ଦୂର ଦଣ୍ଡିମା ଗ୍ରାମନିକଟରୁ ଉଦ୍ଧାର କରାଯାଇଥିଲା। ତେବେ ୨ ଛାତ୍ରଙ୍କୁ କିଛିଦିନ ପାଇଁ ଛୁଟି ଦେଇ ଘରକୁ ପଠାଇଦିଆଯାଇଥିବା ପ୍ରଧାନ ଶିକ୍ଷକ ରମାକାନ୍ତ ସିଂ କହିଛନ୍ତି।

### ୬୦୩ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ

ବେଲଗୁଣ୍ଠା,୪।୧(କୃଷ୍ଣଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ବ୍ଲକ୍ ପଡ଼ିଆଠାରେ ବେଲଗୁଣ୍ଠା କଳାକୃଷ୍ଣ ପ୍ରଧାନଙ୍କ ସଭାପତିତ୍ୱରେ ଗୁରୁବାର ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୬୦୩ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସୋରଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ବେଲଗୁଣ୍ଠା ନଗରପାଳ ଫିରୋଜ କୁମାର ସେଠୀ, ଉପାଧ୍ୟକ୍ଷା ଟି. ବବିତା କୁମାରୀ, ବ୍ଲକ ଉପାଧ୍ୟକ୍ଷା ପ୍ରମିଳା ପ୍ରଧାନ, ବଡ଼ବୋର୍ସିଂ ସରପଞ୍ଚ ଏସ୍ ରାମେଶ୍ୱର ପାତ୍ର, ବେଣୀପଲ୍ଲୀ ସରପଞ୍ଚ ଦୁର୍ଗାମାଧବ ନାୟକ, ପାଇଲିପଡ଼ା ସରପଞ୍ଚ ଜୟରାମ ନାୟକ, ଉଦ୍ଧୁରା ସମିତିସଭ୍ୟ ସୁଧାଂଶୁ ଶେଖର ପୋଲାଇ, ତନରଡା ସମିତିସଭ୍ୟ ଅଯୋଧ୍ୟା ନାଥ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲା ମୁଖ୍ୟ ଚିକିତ୍ସାଳୟ ରୋଗୀଙ୍କୁ ନିମ୍ନମାନର ଖାଦ୍ୟ

ପାରଳାଖେମୁଣ୍ଡି, ୪।୧ (ଗିରିଧାରୀ ପରିଛା):

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ଠାରେ ଥିବା ଜିଲା ମୁଖ୍ୟ ଚିକିତ୍ସାଳୟରେ ନିମ୍ନମାନର ଖାଦ୍ୟ ଦିଆଯାଉଥିବା ଅଭିଯୋଗ ହୋଇଛି। ଚିକିତ୍ସାଳୟର ସଫା ସୁତୁରାଠାରୁ ଆରମ୍ଭ କରି ରୋଗୀସେବା ବ୍ୟବସ୍ଥା, ଡାକ୍ତରଙ୍କ ଅଭାବ, ପାନୀୟ ଜଳ, ବ୍ୟବହାର ପାଇଁ ଆବଶ୍ୟକ ଜଳ ଅଭାବ ଆଦି ସାଙ୍ଗକୁ ନାନାଦି ସମସ୍ୟା ରହିଥିବା ପୂର୍ବରୁ ବହୁବାର ଅଭିଯୋଗ ହୋଇଆସିଛି। ହେଲେ ଏଠାରେ ରୋଗୀଙ୍କୁ ଦୈନନ୍ଦିନ ଦିଆଯାଉଥିବା ଖାଦ୍ୟ ନିମ୍ନମାନର ହୋଇଥିବା ରୋଗୀ ତଥା ରୋଗୀଙ୍କ ସମ୍ପର୍କୀୟମାନେ ଅଭିଯୋଗ କରିଛନ୍ତି। ସେମାନଙ୍କ କହିବା ହେଲା ସରକାର ଚିକିତ୍ସାଳୟ ନିମନ୍ତେ ପର୍ଯ୍ୟାପ୍ତ ବ୍ୟବସ୍ଥା କରିଚାଲିଛନ୍ତି। ହେଲେ କର୍ତ୍ତୃପକ୍ଷଙ୍କ ବୈମାତୃକ ତଥା ଖାମଖିଆଲି ମନୋଭାବ



ଯୋଗୁଁ ସରକାରଙ୍କ ସବୁ ପରିକଳ୍ପନା ସୁଚାରୁ ରୂପେ ପାଳନ ହୋଇପାରୁନାହିଁ। ରନ୍ଧା ଖାଦ୍ୟ ଦିଆଯାଉଛି ହେଲେ ଅତି ନିମ୍ନମାନର। ମୋଟା ଚାଉଳ ରନ୍ଧା ହେଉଥିବା ବେଳେ ଏହା ଦରସିଝା ରହୁଛି। ଯେଉଁ ଡାଲି ଦିଆଯାଉଛି ତାହା ହଳଦି ପାଣି ରଙ୍ଗର। ସେହିପରି ତରକାରୀରେ କେଉଁ ପରିବା ପଡୁଛି ତାହା କହିବା ବା ଚିହ୍ନିବା ମୁସ୍କିଲ ବୋଲି କହିଛନ୍ତି । ବିଶେଷ କରି ଦୂରଦୂରାନ୍ତରୁ ଆସୁଥିବା ରୋଗୀମାନେ ଅଧା ଖାଇ ଅଧା ଫୋପାଡୁଛନ୍ତି। ବହୁ ରୋଗୀ ଏପରି ନିମ୍ନମାନର ଖାଦ୍ୟ ନ ଖାଇ ଡଷ୍ଟବିନରେ ପକାଇଦେଉଥିବା ମଧ୍ୟ ଲକ୍ଷ୍ୟ କରାଯାଇଛି । ସେହିପରି ଏହି ଚିକିତ୍ସାଳୟରେ ଦିଆଯାଉଥିବା ଜଳଖିଆ ମଧ୍ୟ ଅତି ନିମ୍ନମାନର ବୋଲି ଅଭିଯୋଗ କରିଛନ୍ତି । ଅନ୍ୟାନ୍ୟ ଚିକିତ୍ସାଳୟରେ ପାଉଁ ରୁଟି, ଖୀର, ସିଝା ଅଣ୍ଡା ଆଦି ପ୍ରଦାନ କରାଯାଉଥିବା ବେଳେ ଏଠାରେ ଏ ସବୁ ଦିଆଯାଉ ନ ଥିବାର ମଧ୍ୟ ଜଣାପଡିଛି। ସେହିପରି ବିଭିନ୍ନ ୱାର୍ଡରେ ଥିବା ଶୌଚାଳୟଗୁଡିକ ଅବସ୍ଥା ଅତି ସାଙ୍ଘାତିକ। କେତେକ ଶୌଚାଳୟ ଗୁଡିକର କବାଟ ନଥିବା ଦେଖିବାକୁ ମିଳୁଛି । ଏପରି ସ୍ଥଳେ ଜଣେ ରୋଗୀ ଶୌଚାଳୟକୁ ପ୍ରବେଶ କଲେ ଅନ୍ୟ ଜଣେ ଅପେକ୍ଷା କରିବାକୁ ପଡୁଛି । ସମୟ ସମୟ ଅନ୍ତରରେ ଶୌଚାଳୟ ସଫା ସୁତୁରା କରିବା କଥା ହେଲେ ଏଠାରେ ଏହା ପରିଲିକ୍ଷିତ ହେଉନାହିଁ । ରୋଗୀ ସେବା କଥା ନ କହିବା ଭଲ। ଆବଶ୍ୟକୀୟ ଡାକ୍ତର ନଥିବା ସାଙ୍ଗକୁ କର୍ମଚାରୀ ଅଭାବ ଯୋଗୁଁ ରୋଗୀମାନେ ନାନାଦି ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାଯାଇଛି । ଏହି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପ୍ରଶାସନ ତରଫରୁ ନିରୀକ୍ଷଣ କରି ସମସ୍ୟାର ସମାଧାନ କରିବା ପାଇଁ ବୁଦ୍ଧିଜୀବୀମାନେ କହିଛନ୍ତି।

